## ସଂକ୍ଷେପରେ

### ତାଳଚେର ଷ୍ଟେଶନକୁ ଅତ୍ୟାଧୁନିକ କରାଯାଉ



**ତାଳଚେର,୯।୫(ନି.ପ୍ର.):** ତାଳଚେର ଷ୍ଟେଶନକୁ ଅତ୍ୟାଧୁନିକ ଷ୍ଟେଶନ ଭାବେ ଗଢ଼ିବା, ତାଳଚେରଠାରୁ ଅନୁଗୋଳ ପର୍ଯ୍ୟନ୍ତ ନୂତନ ରେଲୱେ ଲାଇନ ଏବଂ ପୁରୀଠାରୁ ତାଳଚେର ପର୍ଯ୍ୟନ୍ତ ଆସୁଥିବା ଯାତ୍ରୀବାହୀ ଟ୍ରେନକୁ କଣିହାଁ ଏନ୍‌ଟିପିସି ପର୍ଯ୍ୟନ୍ତ ସମ୍ପ୍ରସାରଣ ଏବଂ ତାଳଚେର ମେଡିକାଲ କଲେଜ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଦାବି କରିଛନ୍ତି। ଏ ନେଇ ବିଧାୟକ ଭୁବନେଶ୍ୱରରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ରେଳ ସଦନଠାରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପ୍ରଭାତ ଶ୍ରୀବାସ୍ତବ ଏବଂ ଖୋର୍ଦ୍ଧା ରୋଡ୍‌ଠାରେ ମଣ୍ଡଳ ରେଳ ପ୍ରବନ୍ଧକ (ଡିଆର୍‌ଏମ୍) ରିଙ୍କେସ ରୟଙ୍କୁ ଭେଟି ଆଲୋଚନା କରିଥିବା ସୂଚନା ମିଳିଛି।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ମାଧପୁର,୯।୫:** ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତ ଭଗାମୁଣ୍ଡା ଗ୍ରାମରେ ଆୟୋଜିତ



ଅଷ୍ଟପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ସକାଳେ ଗ୍ରାମର ବହୁ ମହିଳା ପୁରୁଷ କଳସ ଶୋଭାଯାତ୍ରାରେ ଯାଇ ପାଣି ଆଣିବା ପରେ ପୂଜକ ଦେବକାନ୍ତ ପଣ୍ଡା ପୂଜାକାର୍ଯ୍ୟ ଆରମ୍ଭ କରିଥିଲେ। ଅଞ୍ଜନ ପ୍ରଧାନ କର୍ତ୍ତା ଦାୟିତ୍ୱ ସମ୍ପାଦନା କରିଥିଲେ। ବହୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ସଭାପତି ଅଞ୍ଜନ ପ୍ରଧାନ ଏବଂ ସମ୍ପାଦକ ପ୍ରଦୀପ ପ୍ରଧାନଙ୍କ ସହିତ ଗ୍ରାମବାସୀ ସହଯୋଗ କରିଥିଲେ।

### କାର୍ ଚାଳକ ଗିରଫ

**ବଇଣ୍ଡା,୯।୫(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପଚ୍ଛାପଥର ଗ୍ରାମରେ ଦୁର୍ଘଟଣା ଘଟାଇ ଫେରାର ଥିବା କାର୍ ଚାଳକ ସିନ୍ଦୂରଖୋଲ ଗ୍ରାମର ଶ୍ରୀକାନ୍ତ ସାହୁଙ୍କୁ ସୋମବାର ପୋଲିସ ଗିରଫ କରିଛି। ଏ ନେଇ ନମ୍ବର ୧୧୯/୨୨ରେ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ କହିଛି, ଦୁର୍ଘଟଣା ଘଟାଇବା ପରେ ଶ୍ରୀକାନ୍ତ ଫେରାର ହୋଇଯାଇଥିଲେ। ତେବେ ସେ ଘରେ ଥିବା ଖବର ପାଇ ପୋଲିସ ଚଢ଼ାଉ କରି ସେଠାରୁ ତାଙ୍କୁ ଗିରଫ କରିଥିଲା।

### ଓଡ଼ିଶା ଜୁନିୟର ଦଳରେ ଢେଙ୍କାନାଳର ୨ ଭଲିବଲ ଖେଳାଳି

**ଢେଙ୍କାନାଳ ଅଫିସ,୯।୫:** ମହାରାଷ୍ଟ୍ରରେ ହେବାକୁ ଥିବା ୨୪ତମ ୟୁଥ୍ ଜାତୀୟ ଭଲିବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚୟନ କରାଯାଇଥିବା ଓଡ଼ିଶା ଦଳରେ ଢେଙ୍କାନାଳ ଜିଲାର ୨ ଭଲିବଲ ଖେଳାଳି ଆକାଶ ପାତ୍ର ଓ ସୁବ୍ରତ ବେହେରା ସାମିଲ ହୋଇଛନ୍ତି। ଭୁବନେଶ୍ୱରରେ ଅନୁଷ୍ଠିତ ଚୟନ ଶିବିରରେ ଏହି ଦୁଇ ଖେଳାଳିଙ୍କୁ ରାଜ୍ୟ ଟିମ୍‌କୁ ମନୋନୀତ କରାଯାଇଛି। ସେହିପରି ଢେଙ୍କାନାଳ ଜିଲା ଦଳର କୋଚ୍ ଆଶୁତୋଷ ପାତ୍ର ମଧ ଓଡ଼ିଶା ଦଳର କୋଚ୍ ଭାବେ ମନୋନୀତ ହୋଇଥିବା ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି।

# ଜୋର୍‌ଦାର ଚାଲିଛି କୋଇଲା ଚୋରା କାରବାର

**ତାଳଚେର,୯।୫(ନି.ପ୍ର.)**

- ୩ ଟ୍ରକ୍ ଜବତ କଲା ପୋଲିସ
- ରାଜସ୍ୱ ହରାଉଛନ୍ତି ସରକାର
- ଅସାଧୁ ମେଣ୍ଟ କରି କରୁଛନ୍ତି ଚୋରି

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ବିଭିନ୍ନ କୋଇଲା ଖଣି ଅଞ୍ଚଳରୁ ଚାଲିଛି ଜୋର୍‌ଦାର କୋଇଲା ଚୋରି। କୋଇଲା ମାଫିଆଙ୍କ ସହ କେତେଜଣ ଅଧିକାରୀ, କର୍ମଚାରୀ, ସୁରକ୍ଷା କର୍ମଚାରୀ, ଡିଡିଏମ୍ ଅଫିସରେ ଥିବା କେତେଜଣ କର୍ମଚାରୀ ଓ ପୋଲିସ ଏଥିରେ ସାମିଲ ଥିବା ଅଭିଯୋଗ ହେଉଛି। ଏହି ଅସାଧୁ ମେଣ୍ଟରେ ଥିବା ମାଫିଆ ଓ କର୍ମଚାରୀମାନେ ଦୈନିକ ଖଣି ମଧ୍ୟରୁ ସହସ୍ରାଧିକ ଟନ୍ କୋଇଲା ଚୋରି କରି ଟ୍ରକ୍ ଯୋଗେ ରାଜ୍ୟ ଓ ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। ଏପରି ଅଭିଯୋଗ ବଢ଼ିଚାଲିଥିଲେ ମଧ କେତେବେଳେ କେମିତି ପୋଲିସ ଓ ଡିଡିଏମ୍ ଅଫିସ ପକ୍ଷରୁ ଚଢ଼ାଉ କରାଯାଇ ଚୋରା କୋଇଲା ଜବତ କରାଯାଉଛି। ସୋମବାର ହିଙ୍ଗୁଳା କୋଇଲା ଖଣିରୁ ଚୋରା କୋଇଲା ଚାଲାଣ ବେଳେ ପୋଲିସ ୩ଟି ଟ୍ରକ୍ ଜବତ କରିଛି। ହିଙ୍ଗୁଳା କୋଇଲା ଖଣି ପ୍ରକଳ୍ପ ଅଧିକାରୀ ଅଜୟ କୁମାର ସିଂହଙ୍କ ଅଭିଯୋଗ କ୍ରମେ ତାଳଚେର ଏସ୍‌ଡିପିଓଙ୍କ ନେତୃତ୍ୱରେ କଲିୟାରୀ ପୋଲିସ ଖଣିର ୯ ଓ ୧୦ ନମ୍ବର କଣ୍ଟା ନିକଟରେ ଚଢ଼ାଉ କରି କୋଇଲା ବୋଝେଇ କରୁଥିବା ୩ଟି ଟ୍ରକ୍ (ନଂ. ଓଡି୦୫ଏସ୍–୭୫୮୫, ଓଡି୦୫ଏଇ–୭୫୮୫, ଓଡି୦୫ୱାଇ–୭୫୮୫)କୁ ଜବତ କରିଛି। ଟ୍ରକ୍‌ରୁ ୨୨ ଟନ୍ କୋଇଲା ଜବତ ହୋଇଛି। ଚଢ଼ାଉ ବେଳେ କଟକ ଜିଲା ତିଗିରିଆ ଥାନା ବନମାଳୀପୁର ଗ୍ରାମର ଚେରୁ ନାୟକଙ୍କ ପୁଅ ସତ୍ୟ ନାରାୟଣ ନାୟକ ଓ ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଲିସିଂହା ଗ୍ରାମର କାଳନ୍ଦୀ ସିଂହଙ୍କ ପୁଅ କାହ୍ନା ସିଂହଙ୍କୁ ଗିରଫ କରାଯାଇଛି। ତେବେ କୋଇଲା ମାଫିଆ ଜଣଙ୍କ ସେଠାରୁ ଖସି ପଳାଇଥିବା କୁହାଯାଉଛି। ଏ ସଂକ୍ରାନ୍ତରେ କଲିୟାରୀ ଥାନାରେ ନଂ. ୨୧୩/୨୨ରେ ମାମଲା ରୁଜୁ ହୋଇଛି।



ପୋଲିସ ଗିରଫ ୨ ଅଭିଯୁକ୍ତଙ୍କୁ ହାଜର କରାଇଛି।

## ଦାୟିତ୍ୱ ନେଲେ ନୂଆ ଉପଜିଲାପାଳ



**ପାଲଲହଡା,୯।୫(ଡି.ଏନ.ଏ.)**

ପାଲଲହଡା ଉପଖଣ୍ଡର ନୂତନ ଉପଜିଲାପାଳ ଭାବେ ସୁଶାନ୍ତ କୁମାର ପତି ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଓଡ଼ିଶା ପ୍ରଶାସନିକ ସେବାର ଏହି ବରିଷ୍ଠ ଅଧିକାରୀ ପୂର୍ବରୁ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ପୂର୍ବତନ ଉପଜିଲାପାଳ ଅଜିତ କୁମାର ପ୍ରଧାନ ଗତ ୩୦ ତାରିଖରେ ସେବାନିବୃତ୍ତ ହେବା ପରେ ତହସିଲଦାର ଲମ୍ବୋଦର ମାରାଣ୍ଡି ଦାୟିତ୍ୱରେ ଥିଲେ। ପୂର୍ବାହ୍ନରେ ତହସିଲଦାର ମାରାଣ୍ଡି ନୂତନ ଉପଜିଲାପାଳ ପତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ପାଲଲହଡାକୁ ଅଗ୍ରଣୀ ଉପଖଣ୍ଡରେ ପରିଣତ କରିବା ପାଇଁ ଚେଷ୍ଟା କରାଯିବ ବୋଲି ଦାୟିତ୍ୱ ନେବା ପରେ ନୂଆ ଉପଜିଲାପାଳ ପ୍ରକାଶ କରିଛନ୍ତି।

## ନୂତନ କୃଷି ଜିଲା ଅଧିକାରୀଙ୍କ ଯୋଗଦାନ

**ଢେଙ୍କାନାଳ ଅଫିସ,୯।୫**

ଢେଙ୍କାନାଳରେ ନୂତନ କୃଷିଜିଲା ଅଧିକାରୀ ଭାବେ ଜ୍ୟୋତିଦୀପ୍ତ ପଟ୍ଟନାୟକ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଗତ ମାର୍ଚ୍ଚରେ ଏଠାରେ ଥିବା କୃଷିଜିଲା ଅଧିକାରୀ ପ୍ରମୋଦ କୁମାର ପ୍ରଧାନ ଅବସରଗ୍ରହଣ କରିଥିଲେ। ଫଳରେ ଏହି ପଦବୀ ଏକମାସ ହେଲା ଖାଲି ପଡିଥିଲା। ନୂଆ କୃଷିଜିଲା ଅଧିକାରୀ ଯୋଗଦେବା ପରେ ଜିଲା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ସଭାପତି ଶିଶିର କୁମାର ସାହୁଙ୍କ ନେତୃତ୍ୱରେ ସମ୍ପାଦକ ଅଜିତ ସାମଲ, ବିନୋଦିନୀ ସାହୁ, ରୁଚିକା ପ୍ରିୟଦର୍ଶିନୀ, ପ୍ରଦୀପ କୁମାର ସାହୁ, ଓଭରସିୟର ଅନିଲ କୁମାର ରାଉତ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ନୂଆ କୃଷିଜିଲା ଅଧିକାରୀ ସମସ୍ତ କର୍ମଚାରୀଙ୍କ ସହଯୋଗରେ ଚାଷ ଓ ଚାଷୀର କିପରି ଉନ୍ନତି ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ।


ନୂତନ କୃଷିଜିଲା ଅଧିକାରୀ ଜ୍ୟୋତିଦୀପ୍ତ ପଟ୍ଟନାୟକଙ୍କୁ ସ୍ୱାଗତ କରାଯାଉଛି।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଢେଙ୍କାନାଳ ଅଫିସ,୯।୫**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଖଡଗପ୍ରସାଦସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୩ ତାରିଖଠାରୁ ଆରମ୍ଭ ହୋଇଥିବା ଛାତ୍ରୀମାନଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ୨୮ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ଆତ୍ମରକ୍ଷା ତାଲିମ ନେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଦର୍ଶନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅଧ୍ୟାପକ ଅରୁଣ କୁମାର ରାଉତ ଶିବିର ପରିଚାଳନା କରିଥିଲେ।



ଶିବିରରେ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

## ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

**ଢେଙ୍କାନାଳ ଅଫିସ,୯।୫**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ରାତି ପ୍ରାୟ ୮ଟାରେ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଚିକିତ୍ସାରେ ଅବହେଳା ଯୋଗୁ ରୋଗୀଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଘଟଣାରୁ ଜଣାପଡ଼ିଛି, ସଦର ଥାନା ନାଗିଆପଶି ରମ୍ଭା ଗ୍ରାମର ଜଗବନ୍ଧୁ ଦେହୁରୀ ନାମକ ଜଣେ ବ୍ୟକ୍ତି ଗୁରୁତର ଭାବେ ଅସୁସ୍ଥ ହୋଇ ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ପୋଲିସ ନିକଟରେ ଅଭିଯୋଗ ହୋଇଛି। ଖବରପାଇ ଟାଉନ ଥାନା ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

# ନିର୍ବାଚିତ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

**କଣିହାଁ,୯।୫(ଡି.ଏନ.ଏ)**

କଣିହାଁ ବ୍ଲକ ପାଲଲହଡ଼ା ନିର୍ବାଚନମଣ୍ଡଳୀ ହରିହରପୁର ପଞ୍ଚାୟତ ବିଜେଡି ତରଫରୁ ରବିବାର ଦୁମୁଦୁମା ଶିବ ମନ୍ଦିରଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦୀପ୍ତିମୟୀ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଯୋଗଦେଇ ତ୍ରିସ୍ତରୀୟ ପଞ୍ଚାୟତରେ ନିର୍ବାଚିତ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ମିଶ୍ରଣ କାର୍ଯ୍ୟକ୍ରମକୁ ନେଇ ବହୁ କର୍ମୀ ଅନ୍ୟଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ଦଳକୁ ଶକ୍ତିଶାଳୀ କରାଯିବ ବୋଲି ପଞ୍ଚାୟତ ସଭାପତି ସୌଭାଗ୍ୟ ପ୍ରଧାନ ମତବ୍ୟକ୍ତ କରି ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ମଧ ସମ୍ବର୍ଦ୍ଧିତ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

# ୮୭ ଅଭିଯୋଗର ସମାଧାନ

**ଢେଙ୍କାନାଳ ଅଫିସ,୯।୫**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଆସିଥିବା ମୋଟ୍ ୧୧୫ ଅଭିଯୋଗ ମଧ୍ୟରୁ ୮୭ଟିର ସମାଧାନ କରାଯାଇଥିଲା। ରେଡ୍‌କ୍ରସ୍ ସହାୟତା ପାଣ୍ଠି ପାଇଁ ୫ଟି ଆବେଦନ ଗ୍ରହଣ କରାଯାଇଥିଲା। ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି, ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ, ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଜିଲା ପରିଷଦ ଉପସଭାପତି ବିଳାସିନୀ ସେଠୀ, ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ଓ ରୁନୁବାଳା ବର୍ମା, ପରଜଙ୍ଗ ବିଡିଓ ବିନୋଦ ବିହାରୀ ବେହେରା, ସହକାରୀ ଜିଲାପାଳ(ପିଜିସେଲ) ସୌମ୍ୟା ଶତଭିଷା, ଅଧିକାରୀ ଲଳିତ ମୋହନ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।


ଶିବିରରେ ଅଭିଯୋଗଗୁଡ଼ିକର ଶୁଣାଣି କରାଯାଉଛି।

## ମହିଳାଙ୍କୁ ମାଡ଼, ୩ ଗିରଫ

**ବଇଣ୍ଡା,୯।୫(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବରହମ ଗ୍ରାମରେ ସୋମବାର ଖୁଲଣା ଗୋଚ୍ଛାୟତଙ୍କୁ ମାଡ଼ ମାରିବା ଅଭିଯୋଗରେ ସେହି ଗ୍ରାମର କଲ୍ୟାଣ ଗୋଚ୍ଛାୟତ, ମଞ୍ଜୁ ଗୋଚ୍ଛାୟତ, ବାନା ଗୋଚ୍ଛାୟତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ଏକ ଠେଙ୍ଗାରେ ମାଡ଼ ମାରିଥିବା ଖୁଲଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୧୧୭/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ପୋଲିସ କହିଛି, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଖୁଲଣାଙ୍କୁ ୩ ଅଭିଯୁକ୍ତ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## କଲେଜ ପରିସରରେ ହେବ ପାର୍କ

**ପାଲଲହଡା,୯।୫(ଡି.ଏନ.ଏ.)**

ପାଲଲହଡା ଉପଖଣ୍ଡ ମାଲ୍ୟଗିରି ମହାବିଦ୍ୟାଳୟ ପରିସରରେ ଏକ ପାର୍କ ନିର୍ମାଣ ହେବ। ସେହିପରି ଖେଳପଡିଆର ଉନ୍ନତୀକରଣ କରାଯିବ। ଏଥିପାଇଁ ସୋମବାର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅନିଲ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ମୁକେଶ କୁମାର ପାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ନିଜିଗଡ଼ ସରପଞ୍ଚ ଶଶିଭୂଷଣ ଆଚାର୍ଯ୍ୟ, ବିଡିଓ ଦିଲୀପ କୁମାର ବାରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ପାର୍କ ପାଇଁ ୧୦ ଲକ୍ଷ ଟଙ୍କା ପଞ୍ଚାୟତ ସମିତି ପକ୍ଷରୁ ଯୋଗାଇ ଦିଆଯାଇଥିବାବେଳେ ଖେଳପଡିଆ ପାଇଁ ୨୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିବା ବିଧାୟକ ପାଳ ପ୍ରକାଶ କରିଥିଲେ।


ଭୂମି ପୂଜନ କାର୍ଯ୍ୟକ୍ରମରେ ଲୋକ ପ୍ରତିନିଧି ଓ ଅଧିକାରୀମାନେ।

# ସମ୍ବଲପୁର ଦଳ ଚାମ୍ପିୟନ

**ଢେଙ୍କାନାଳ ଅଫିସ,୯।୫**

ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ମହାବୀର ବଜାର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଅଧିକାରୀ ସାମଲ ମେମୋରିଆଲ ଫ୍ଲଡଲାଇଟ୍ ଟେନିସବଲ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସମ୍ବଲପୁରର ଏମ୍‌ଏନ୍‌ସିସି ଦଳ ଅନୁଗୋଳର ଏସ୍‌ଏସ୍ ଲୁଟୁ ୱାରିୟର୍ସକୁ ୮୭ ରନରେ ପରାସ୍ତ କରି ଚାମ୍ପିୟନ ହୋଇଛି। ସମ୍ବଲପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୨୪୪ ରନ ସଂଗ୍ରହ କରିଥିଲା। ଜବାବରେ ଅନୁଗୋଳ ଦଳ ୧୨ ଓଭରରେ ୬ ଉଇକେଟରେ ୧୫୭ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ସୁଧୀର କୁମାର ସାମଲ ଚାମ୍ପିୟନ ସମ୍ବଲପୁର ଓ ରନର୍ସଅପ୍ ଅନୁଗୋଳ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲାପାଳ ସରୋଜ କୁମାର ସେଠୀ, ପୌର ଉପାଧ୍ୟକ୍ଷ ପ୍ରକାଶ କୁଅଁର, ପୂର୍ବତନ ନଗରପାଳ, ସୁଧାଂଶୁ ଦଳେଇ, ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଶ୍ରୀକାନ୍ତ ଧଳ, ସାମାଜିକ କର୍ମୀ ଦୀପକ ମିଶ୍ର ପ୍ରମୁଖ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।


ଚାମ୍ପିୟନ ସମ୍ବଲପୁର ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ହେନେରୀଙ୍କ ଆଦର୍ଶରେ ଅନୁପ୍ରାଣିତ ଆହ୍ୱାନ

**ଢେଙ୍କାନାଳ ଅଫିସ,୯।୫**

ଢେଙ୍କାନାଳ ସଦର ବ୍ଲକ କଣ୍ଟେଇକୋଳିଆସ୍ଥିତ ମହର୍ଷି ଦୟାନନ୍ଦ ମିଶନ ପରିସର ଜରା ନିବାସରେ ସୋମବାର ଜିଲା ରେଡ୍‌କ୍ରସ୍ ଶାଖା ଓ ଜିଲା ରେଡ୍‌କ୍ରସ୍ ରାପିଡ ରେସପନ୍ସ ଗ୍ରୁପ୍ ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ ହୋଇଯାଇଛି। ଜିଲା ରେଡ୍‌କ୍ରସ୍ ଶାଖା ଉପସଭାପତି ବିରଞ୍ଚି ନାରାୟଣ ପାଣି ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡା. ଅଭିମନ୍ୟୁ ଆଚାର୍ଯ୍ୟ, ମହର୍ଷି ଦୟାନନ୍ଦ ମିଶନ ସମ୍ପାଦକ ପ୍ରଦୀପ କୁମାର ସାହୁ ଓ ରାଜକିଶୋର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଡ୍‌କ୍ରସ୍ ପ୍ରାଣ ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ମାନବ ଜାତିପ୍ରତି ସେବା, ଦୟା ଓ କରୁଣା ଭାବ ପ୍ରକଟ କରିବା ସହ କ୍ଷୁଧା, ଦାରିଦ୍ର୍ୟ, ପ୍ରାକୃତିକ ଦୁର୍ବିପାକ ଏବଂ ମହାମାରୀ ଆଦି ସମୟରେ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ଅଗ୍ରଣୀ ଭୂମିକା ନିର୍ବାହ କରିଆସନ୍ତି ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା। ଏହି ଅବସରରେ ଜରା ନିବାସ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଚିକିତ୍ସା ପରାମର୍ଶ ଦିଆଯାଇଥିଲା। ସମସ୍ତଙ୍କୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇଥିଲା। ଡା. ଗୀତାଞ୍ଜଳି ତ୍ରିପାଠୀ, ରେଡ୍‌କ୍ରସ୍‌ର ବରିଷ୍ଠ ପ୍ରଶିକ୍ଷକ ଅକ୍ଷୟ ଜେନା ପ୍ରମୁଖ ସୁରକ୍ଷିତ ସ୍ୱାସ୍ଥ୍ୟ ଓ ନୀରବ ଜୀବନଯାପନ ପାଇଁ ଯତ୍ନବାନ ହେବା ନିମନ୍ତେ ଅନ୍ତେବାସୀମାନଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ସଦସ୍ୟ ଶିବ ପ୍ରସାଦ ପଣ୍ଡା ଆଧ୍ୟାତ୍ମିକ ପୁସ୍ତକ ପ୍ରଦାନ କରିଥିଲେ। କବିତା ବେହେରା, ରଶ୍ମିତା ରଥ, ଦିଲୀପ ସାହାଣୀ, ଚିନ୍ମୟ ଜେନା, ସୁଜିତ ନନ୍ଦ, ରାମେଶ୍ୱର ମାଇତି ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଜିଲା ରେଡ୍‌କ୍ରସ୍ ଭଣ୍ଡାରରେ ଆୟୋଜିତ ରକ୍ତଦାନ ଶିବିରରେ ୧୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରାଜକିଶୋର ବେହେରା ୯୧ତମ ରକ୍ତଦାନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ।



ବିଶ୍ୱ ରେଡକ୍ରସ ଦିବସ ପାଳନ ଅବସରରେ ରକ୍ତ ସଂଗ୍ରହ କରାଯାଉଛି।

### ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ

